# ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ବନ୍ଧେ

ପ୍ରଶ୍ନ : ପୂର୍ଣ୍ଣାଙ୍ଗ ଶିକ୍ଷାର ଅଭିପ୍ରାୟ କ'ଣ ?

ଉତ୍ତର : ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ହେଲା ମନ, ପ୍ରାଣ, ଶରୀର ସହିତ ଆତ୍ମାର ବିକାଶ । ଏଥିରେ ଜୀବନର ପୂର୍ଣ୍ଣତା ଏବଂ ଏହାହିଁ ସଂସାରର ସମସ୍ତ ବ୍ୟକ୍ତିଙ୍କ ଜୀବନର ଲକ୍ଷ୍ୟ । ଏହି ସକାଶେ ଭଗବାନଙ୍କ ସୃଷ୍ଟି ତଥା ଭଗବାନଙ୍କର ଏହାହିଁ ସଂକଳ୍ପ । ଆଗାମୀ ନୂତନ ସତ୍ୟଯୁଗ ସକାଶେ ଜୀବନର ସର୍ବାଙ୍ଗୀନ ବିକାଶ ଅନିବାର୍ଯ୍ୟ । ଏହି ପୂର୍ଣ୍ଣାଙ୍ଗ ବିକାଶ ନିଶ୍ଚିତ ରୂପେ ଆସିବ । ମନୁଷ୍ୟ ସ୍ୱଇଚ୍ଛାରେ ଗ୍ରହଣ ନ କଲେ ପରିସ୍ଥିତି ବାଧ କରିବ । କାରଣ ଉପସ୍ଥିତ ବିଶୃଙ୍ଖଳ ସମସ୍ୟାର ସମାଧାନର ଅନ୍ୟ କୌଣସି ମାର୍ଗ ନାହିଁ ।

କ୍ରମବିକାଶ ଅନୁସାରେ ମନର ବିକାଶ ସମାପ୍ତ ହୋଇ ସାରିଛି । ଆତ୍ମବିକାଶର ସମୟ ଉପସ୍ଥିତ ହୋଇଛି । ସେହି ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ନିଜ ସାଧନାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ପ୍ରତିଷ୍ଠା କରିଛନ୍ତି । ଏହି ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ସେ ମନ, ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ଆତ୍ମ-ସତ୍ୟ ଦ୍ୱାରା ପରିଚାଳିତ ହେବ । କିଛି ବ୍ୟକ୍ତି ଏହି ସତ୍ୟ ଦ୍ୱାରା ପରିଚାଳିତ ହେବା ଫଳରେ ସଂସାରରୁ ଅସତ୍ୟ, ମିଥ୍ୟାଚାର ଦୂର ହେବ । ସଂସାର ସ୍ୱର୍ଗରେ ପରିଣତ ହେବ ।

ଏହି ସତ୍ୟକୁ ପ୍ରଥମରେ କୃଷକ, ବ୍ୟବସାୟୀ, ରାଜନୀତିଜ୍ଞ ତଥା ଅନ୍ୟାନ୍ୟ ଶ୍ରେଣୀର ଖୁବ୍ କମ୍ ବ୍ୟକ୍ତି ଗ୍ରହଣ କରିବେ । ଏହି ସତ୍ୟକୁ ଗ୍ରହଣ କରିବାର ମାଧ୍ୟମ ହେବ ପାଠଚକ୍ର । ପାଠଚକ୍ରର ଅଭିବୃଦ୍ଧି ସାଧନ ହୋଇ ଭିନ୍ନ ଭିନ୍ନ ସ୍ଥାନରେ ସାଧନାଳୟ ଗଢ଼ିଉଠିବ । ସେଠାରେ ସାଧକମାନେ ରହି ଆଶ୍ରମ ଆଦର୍ଶରେ କୃଷି, ବାଣିଜ୍ୟ ଆଦି କରିବେ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବେ ।

ଏହା ହେବା ସଙ୍ଗେ ସଙ୍ଗେ ପାଠଚକ୍ର ମାଧ୍ୟମରେ ସ୍ଥାନେ ସ୍ଥାନେ ଆଶ୍ରମ ଶିକ୍ଷା ଆଦର୍ଶରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠିତ ହେବ । ଏହି ସଂସ୍ଥାସବୁ ଯେତେ ଅଧିକ ପ୍ରତିଷ୍ଠିତ ଏବଂ କ୍ରିୟାଶୀଳ ହେବ ସେତେ ଅଧିକ ଅଧ୍ୟାତ୍ମ ସତ୍ୟର ପ୍ରଭାବ ବାତାବରଣରେ ପଡ଼ିବ । ସେହି ଅନୁପାତରେ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରିବେ । ଯେତେ ଅଧିକ ବ୍ୟକ୍ତି ଏହି ସତ୍ୟକୁ ଗ୍ରହଣ କରିବେ ସେହି ଅନୁସାରେ ସଂସାରରୁ ଅସତ୍ୟ, ଅନାଚାର, ଦୁଃଖକଷ୍ଟ, ଅଭାବ ଆଦି ଦୂର ହେଉଥିବ । ବ୍ୟକ୍ତି କ୍ରମଶଃ ସୁଖ, ଶାନ୍ତି ଅନୁଭବ କରିବ ।

ପ୍ରଚଳିତ ଶିକ୍ଷା ଦ୍ୱାରା ବ୍ୟକ୍ତିର, ସମାଜର, ଦେଶର ଯଥାର୍ଥ ଉନ୍ନତି ହେବ ନାହିଁ, ବରଂ ଅବନତି ଆଡ଼କୁ ଟାଣି ହୋଇଯିବ । ଏହା ଏକ ପ୍ରତ୍ୟକ୍ଷ ଘଟଣା, ଆମ୍ଭମାନଙ୍କ ଦୃଷ୍ଟି ସମ୍ମୁଖରେ ସତତ ବିଦ୍ୟମାନ ।

ଯେଉଁ ନୈତିକତା ଦ୍ୱାରା ବ୍ୟକ୍ତି, ପରିବାର, ସମାଜ ପରିଚାଳିତ ହେଉଥିଲା ସେ ନୈତିକତା ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି । ପୂର୍ବେ ନୈତିକତା ଥିବା ଯୋଗୁଁ ପୁତ୍ର, କନ୍ୟା ପିତାମାତା ଗୁରୁଜନଙ୍କ ଆଜ୍ଞାପାଳନ କରୁଥିଲେ । ଅଧ୍ୟାପକମାନେ ବିଦ୍ୟାର୍ଥୀକୁ ନିଜ ପୁତ୍ର ତୁଲ୍ୟ ସ୍ନେହ ଶ୍ରଦ୍ଧା କରି ବିଦ୍ୟାଶିକ୍ଷା ଦେଉଥିଲେ । ବିଦ୍ୟାର୍ଥୀମାନେ ଅଧ୍ୟାପକଙ୍କୁ ପିତାଠାରୁ ଅଧିକ ସମ୍ମାନ କରି ଆଜ୍ଞା ପାଳନ କରୁଥିଲେ । ନୈତିକତା ଭାଙ୍ଗିଯିବା ଯୋଗୁଁ ସନ୍ତାନମାନଙ୍କର ପିତାମାତାଙ୍କ ପ୍ରତି, ବିଦ୍ୟାର୍ଥୀର ଅଧ୍ୟାପକମାନଙ୍କ ପ୍ରତି ଯେପରି ବ୍ୟବହାର ତାହା ସମସ୍ତଙ୍କ ସାମନାରେ ବର୍ତ୍ତମାନ ସ୍ପଷ୍ଟ ।

ଏହିପରି ସ୍ଥିତିରେ ଉପସ୍ଥିତ ବିଶୃଙ୍ଖଳ ସମସ୍ୟା ସମାଧାନ କରିବାର ଏକମାତ୍ର ଅନିବାର୍ଯ୍ୟ ପନ୍ଥା ଏହି ଆଗାମୀ ଅତିମାନସ ସତ୍ୟକୁ ଗ୍ରହଣ କରିବା । ଏହି ସତ୍ୟକୁ ଗ୍ରହଣ କରିବା ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀରର ବିକାଶ ସହିତ ଆତ୍ମାର ବିକାଶ ହେବ । ତା' ଫଳରେ ବ୍ୟକ୍ତି ଆତ୍ମସତ୍ୟ ଦ୍ୱାରା ପରିଚାଳିତ ହେବ । ଏହି ସତ୍ୟକୁ ଗ୍ରହଣ କରିବା ସକାଶେ ସବୁଠାରୁ ଉତ୍ତମ ଉପାୟ ହେଉଛି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର । ଏହି ଶିକ୍ଷା ଦ୍ୱାରା ବାଲ୍ୟାବସ୍ଥାରୁ ବାଳକ ବା ବାଳିକାମାନଙ୍କ ସଂସ୍କାରରେ ଅତିମାନସ ସତ୍ୟର ପ୍ରଭାବ ପଡ଼ିବ ଏବଂ କ୍ରମଶଃ ତାହା ବିକାଶ ହୋଇ ଚାଲୁଥିବ ।

ପ୍ରଶ୍ନ : ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର ଆଧାର କ'ଣ ? କେଉଁ ପ୍ରଣାଳିରେ ପୂର୍ଣ୍ଣାଙ୍ଗ ଶିକ୍ଷା ଅଗ୍ରଗତି କରିପାରିବ ?

ଉତ୍ତର : ଏହାର ଆଧାର ଅତିମାନସ ସତ୍ୟ, ଯେଉଁ ସତ୍ୟକୁ କ୍ରିୟାଶୀଳ କରାଇବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଆଶ୍ରମ ଓ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିଛନ୍ତି । ଏହି ଶିକ୍ଷାର ପ୍ରଣାଳି ହେଉଛି :

(୧) ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷକମାନେ ହେବେ ସାଧକ । ସେମାନଙ୍କର ଜୀବନର ଲକ୍ଷ୍ୟ ହେବ ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀରର ଦିବ୍ୟ ତତ୍ତ୍ୱରେ ରୂପାନ୍ତର; ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି । ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବା ହେବ ଲକ୍ଷ୍ୟ । ଆରମ୍ଭରେ ଏହା ପ୍ରାପ୍ତ ହେବ ନାହିଁ । ଏହି ଲକ୍ଷ୍ୟ ଆଡ଼କୁ ଗତି କରୁଥିବା ବ୍ୟକ୍ତି ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ହୋଇ ପାରିବେ ।

(୨) ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବ୍ୟବସ୍ଥାପକ ତଥା ସଂଚାଳକ ସେହିମାନେ ହେବେ ଯେଉଁମାନେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାରେ ପୂର୍ଣ୍ଣ ବିଶ୍ୱାସ ରଖିଥିବେ; ଏହା ପ୍ରତି ଥିବ ସେମାନଙ୍କର ଆଗ୍ରହ, ଶ୍ରଦ୍ଧା, ବିଶ୍ୱାସ, ଉତ୍ସାହ ତଥା ତତ୍ପରତା । ଏହିସବୁ ଗୁଣ ନ ଥିବା ବ୍ୟକ୍ତି ସଂଚାଳକ ହେବା ଉଚିତ ନୁହେଁ ।

(୩) ଯେଉଁ ବାଳକ-ବାଳିକାମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଧ୍ୟୟନ କରିବେ ସେମାନଙ୍କ ପିତାମାତା ଯଦି ଅତିମାନସ ସତ୍ୟ ତଥା ଉପସ୍ଥିତ ପରିସ୍ଥିତି, ଆଗାମୀ ଅତିମାନସ ସତ୍ୟଯୁଗ ସମ୍ବନ୍ଧେ ସଚେତ ଥିବେ ତେବେ ବହୁତ ଉତ୍ତମ । ଅନ୍ୟଥା ଆଦର୍ଶବାନ୍ ହେବା ଏକାନ୍ତ ପ୍ରୟୋଜନ । ସେମାନେ ଘରେ କଳି କରିବେ ନାହିଁ, ରାଗହିଂସା କରିବେ ନାହିଁ, ସମସ୍ତ କାର୍ଯ୍ୟ ନିୟମିତ ଶୃଙ୍ଖଳିତ ଭାବେ କରିବେ । ପିଲାମାନଙ୍କୁ ମାରିବେ ନାହିଁ, ଗାଳି ଦେବେ ନାହିଁ । ସେମାନଙ୍କୁ ଉତ୍ତମ କାର୍ଯ୍ୟ କରିବା ସକାଶେ ବୁଝାଇ ଦେବେ । ଛାତ୍ରଛାତ୍ରୀମାନଙ୍କ ସଂସ୍କାର ଉପରେ ସ୍କୁଲରେ ଯେଉଁ ଆଦର୍ଶର ପ୍ରଭାବ ପଡ଼ିଥିବ, ଘରେ ପିତାମାତାଙ୍କର ବିପରୀତ ଆଚରଣଜନିତ ପ୍ରତିକୂଳ ପ୍ରଭାବ ସେସବୁକୁ ନଷ୍ଟ କରିଦେବ । ସେ ସକାଶେ ପିତାମାତାମାନେ ପିଲାମାନଙ୍କ ପ୍ରତି ଉତ୍ତମ ଆଚରଣ କରିବା ଆବଶ୍ୟକ ।

ସଂସାରରେ ବର୍ତ୍ତମାନ ଯେଉଁ ବିଶୃଙ୍ଖଳା, ଅନ୍ୟାୟ, ଅସତ୍ୟ, ମିଥ୍ୟାଚାର ତାହା ସମାଜନୀତି, ରାଜନୀତି ତଥା ଅନ୍ୟ କୌଣସି ଉପାୟରେ ଦୂର ହେବ ନାହିଁ । ଦୂର ହେବ ଅତିମାନସ ସତ୍ୟ ସଂସାରରେ ପ୍ରସାର ହେବା ଦ୍ୱାରା । ଏହି ସତ୍ୟ ପ୍ରସାରର ମାଧ୍ୟମ ହେବ ଭିନ୍ନ ଭିନ୍ନ ସ୍ଥାନରେ ଆଶ୍ରମ ଆଦର୍ଶରେ ସାଧନାକେନ୍ଦ୍ର ଏବଂ ଆଶ୍ରମ ଶିକ୍ଷାକେନ୍ଦ୍ର ଆଦର୍ଶରେ ଶିକ୍ଷାକେନ୍ଦ୍ରମାନ ପ୍ରତିଷ୍ଠା କରିବା । ଏହିସବୁ କାର୍ଯ୍ୟ ଯେତେ ଅଗ୍ରସର ହେବ, ଅତିମାନସ ସତ୍ୟକୁ ଯେତେ ଅଧିକ ବ୍ୟକ୍ତି ଗ୍ରହଣ କରିବେ ସେହି ଅନୁପାତରେ ସଂସାରରୁ ଦୁଃଖକଷ୍ଟ, ବିଶୃଙ୍ଖଳା, ମିଥ୍ୟାଚାର ଦୂର ହେଉଥିବ । ଯେତେବେଳେ ଏହି ସତ୍ୟ ପୂର୍ଣ୍ଣରୂପେ ପ୍ରତିଷ୍ଠିତ ହେବ ସେତେବେଳେ ଏହି ସଂସାର ସ୍ୱର୍ଗରେ ପରିଣତ ହେବ ।